ଧରିତ୍ରୀ
DHARITRI
ବୁଧବାର, ୮ ମେ, ୨୦୧୯



## ସଂକ୍ଷେପରେ

### ଚଣ୍ଡୀ ମନ୍ଦିର ହୁଣ୍ଡି ବାକ୍ସରୁ ଚୋରି

**ଖଇରା, ୭।୫(ଡି.ଏନ.ଏ.):** ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ଜଲଙ୍ଗସ୍ଥିତ ପ୍ରସିଦ୍ଧ ଚଣ୍ଡୀ ମନ୍ଦିର ହୁଣ୍ଡିବାକ୍ସରୁ ଓ ଅନ୍ୟାନ୍ୟ ସମାଗ୍ରୀ ଚୋରାଇ ନେଇଥିବା ନେଇ ଟ୍ରଷ୍ଟି ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଦାସ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରମାନେ ମନ୍ଦିର ଗ୍ରୀଲ ଭାଙ୍ଗି ହୁଣ୍ଡିବାକ୍ସରୁ ଥିବା ୬ମାସର ଆୟ ଚୋରାଇ ନେବା ସହ କାଗଜପତ୍ର, ଟଙ୍କା ମନ୍ଦିର ରସିଦ୍ ନେଇ ପଳାଇଛନ୍ତି। ମଙ୍ଗଳବାର ସକାଳେ ପୂଜକ ରମେଶ ଚନ୍ଦ୍ର ପତ୍ରି ପୂଜା କରିବାକୁ ଆସି ପ୍ରଥମେ ଏହି ଘଟଣା ଦେଖି ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ସିମୁଳିଆ ପୋଲିସ ପ୍ରାଥମିକ ତଦନ୍ତ ଜାରି ରଖିଛି।

### ଶେରଗଡ଼ରେ ଅକ୍ଷୟ ତୃତୀୟା

**ରେମୁଣା, ୭।୫(ଡି.ଏନ.ଏ.):** ରେମୁଣା ବ୍ଲକ ଶେରଗଡ଼ଠାରେ ଥିବା ସରକାରୀ କୃଷି ଫାର୍ମରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ ହୋଇଛି। ମଙ୍ଗଳବାର ଜିଲାପାଳ ରମେଶ ଚନ୍ଦ୍ର ରାଉତ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ସାରି ବିଲରେ ହଳ ବୁଲାଇବା ସହିତ ଅଖିମୁଠି ବୁଣି ଅନୁକୂଳ କରିଛନ୍ତି। କୃଷି ବିଭାଗର ଅଧିକାରୀ କୈଳାସ ଚନ୍ଦ୍ର ପରିଡା, ସନ୍ତୋଷ ମହାନ୍ତି, ଅଜୟ ମିଶ୍ର, ନିତ୍ୟାନନ୍ଦ ଦାସ, ଗୋବିନ୍ଦ ଲେଙ୍କା, ଧ୍ରୁବ ମହାନ୍ତି, ଚନ୍ଦ୍ରଶେଖର ପାଢ଼ୀ, ଶ୍ରୀଧର ଦାସଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।

### ନିର୍ବାଚନରେ ଇମାମୀ ପେପର୍ସ ମଜଦୁର ସଂଘର ବିଜୟ

**ରେମୁଣା, ୭।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍ସର ପ୍ରଥମ ଶ୍ରମିକ କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ବହୁ ପ୍ରତୀକ୍ଷିତ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାରଖାନାର ୪୮୧ ଜଣ ଶ୍ରମିକ ଏଥିରେ ଭାଗନେଇ ଥିବାବେଳେ ୪୭୮ ଜଣ ମତଦାନ କରିଥିଲେ। ରେମୁଣା ବ୍ଲକ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଇମାମୀ ପେପର୍ସ ମଜଦୁର ସଂଘକୁ ୩୪୦ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଶ୍ରମିକ ନେତା ଅରୁଣ ସ୍ୱାଇଁଙ୍କ ନେତୃତ୍ୱାଧୀନ ଇମାମୀ ପେପର ମଜଦୁର ସଭାକୁ ୬ ଖଣ୍ଡ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ନେତୃତ୍ୱାଧୀନ ଇମାମୀ ପେପର ମିଲ୍ସ ମଜଦୁର ୟୁନିୟନକୁ ୭୪ ଓ ସୁଧୀର ମଙ୍ଗରାଜଙ୍କ ନେତୃତ୍ୱାଧୀନ ଇମାମୀ ପେପର ମିଲ୍ସ ଏମ୍ପ୍ଲୋୟିଜ ୟୁନିୟନକୁ ୫୬ ଭୋଟ ମିଳିଥିବା ଜିଲା ଶ୍ରମ ଅଧିକାରୀ କୁବେର ବେହେରା କହିଛନ୍ତି। ସନ୍ଧ୍ୟା ୬ଟାରେ ନିର୍ବାଚନ ଫଳାଫଳ ଜଣାପଡିଥିଲା।

### କୁଣ୍ଡଳିରେ ଉଡ଼ା ପର୍ବ



**ବସ୍ତା, ୭।୫(ସ୍ୱ.ପ୍ର.):** ସିଂଲା ଥାନା କୁଣ୍ଡଳିଠାରେ ମଙ୍ଗଳବାର ଉଡ଼ା ପର୍ବ ପାଳିତ ହୋଇଯାଇଛି। ଏଥିରେ ଆବାଳ ବୃଦ୍ଧବନିତା ନିଜକୁ ସାମିଲ କରି ମହାଦେବଙ୍କଠାରେ ନିଜକୁ ସମର୍ପି ଦେଇଥିଲେ। ଭକ୍ତାମାନେ ନିଜ ମାନସିକ ପୂରଣ ପାଇଁ ନିଜ ଦେହରେ କଣ୍ଟା ମାରି ପ୍ରଭୁଙ୍କଠାରେ ନିଜର ଭକ୍ତିଭାବକୁ ସମର୍ପଣ କରିଥିଲେ। ଶତାଧିକ ଲୋକ ଏହି ଉତ୍ସବରେ ଏକାଠି ହୋଇଥିଲେ।

### ୧୭ରୁ ଚନ୍ଦନ ଉତ୍ସବ

**ବସ୍ତା, ୭।୫(ସ୍ୱ.ପ୍ର.):** ବସ୍ତା ବ୍ଲକ ମୁକୁଳିସିଠାରେ ମଙ୍ଗଳବାର ସାର୍ବଜନୀନ ଚନ୍ଦନ କମିଟିର ଚନ୍ଦନ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଲକ୍ଷ୍ମୀଧର ଦାସ ସଭାପତିତ୍ୱ କରିଥିଲେ। କମିଟି ସମ୍ପାଦକ ରଞ୍ଜନ କୁମାର ଧଳ, ନରେନ୍ଦ୍ର ବେହେରା, ନନ୍ଦ ଦୁଲାଲ ବିଶ୍ୱାଳ, ସୃଷ୍ଟିଧର ଦାସ, ପଞ୍ଚାନନ ରାଉଳ, ଶିବାନନ୍ଦ ରଣା, ଅକ୍ଷୟ ବିଶ୍ୱାଳ, ପ୍ରଦୀପ ବହେରା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତଙ୍କର ନିଷ୍ପତ୍ତି କ୍ରମେ ଏହି ଚନ୍ଦନ ଉତ୍ସବ ଆସନ୍ତା ୧୭ ତାରିଖରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ନିଷ୍ପତ୍ତି ହୋଇଥିଲା।

# ଅବ୍ୟବସ୍ଥାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଅଂଶୁଘାତ ରୁମ୍‌ରେ ତାଲା, ଖତଖାଉଛି ଏକ୍ସରେ ମେଶିନ, ବିଦ୍ୟୁତ ସଂଯୋଗ ନାହିଁ

**ବାଲିଆପାଳ, ୭।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଗ୍ରୀଷ୍ମପ୍ରବାହ ତାତି ବଢ଼ି ବଢ଼ି ଚାଲିଥିବା ବେଳେ ଅଂଶୁଘାତ ରୁମ୍‌ରେ ତାଲା ଝୁଲୁଛି। ବର୍ଷ ବର୍ଷ ଧରି ଏକ୍ସରେ ମେଶିନ କାମରେ ଲାଗିପାରୁନାହିଁ। ଥ୍ରିଫେଜ୍ ବିଦ୍ୟୁତ ସଂଯୋଗ ହୋଇପାରୁନାହିଁ। ଫଳରେ ଥ୍ରିଫେଜ୍ ବିଦ୍ୟୁତ ଦ୍ୱାରା ଚାଲିବାକୁ ଥିବା ସମସ୍ତ ବୈଦ୍ୟୁତିକ ଯନ୍ତ୍ରପାତି ଦିନକୁ ଦିନ ଅକାମୀ ହେବାରେ ଲାଗିଛି। ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏକ୍ସରେ ମେଶିନ ଖତ ଖାଉଛି। ଅସ୍ତ୍ରୋପଚାର କୋଠରି ସହ ଡାକ୍ତରମାନେ ବସି ରୋଗୀ ଦେଖିବା କୋଠରିଗୁଡିକରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର(ଏୟାର କଣ୍ଡିଶନର) ମଧ୍ୟ ଦୀର୍ଘଦିନ ଧରି କାର୍ଯ୍ୟରେ ନ ଲାଗିବା ଯୋଗୁ ଖରାପ ହେବାକୁ ବସିଛି। ଅଂଶୁଘାତ ରୋଗୀ ଚିକିତ୍ସା ପାଇଁ ବ୍ୟବହୃତ କୋଠରିରେ ଏସି ଥିଲେ ତାହା ମଧ୍ୟ କେବଳ ଲୋକଦେଖାଣିଆ ହୋଇ ରହିଛି। ହସ୍‌ପିଟାଲକୁ ସିଙ୍ଗଲ ଫେଜ୍ ବିଦ୍ୟୁତ ଆସିଥିବାରୁ ବହୁ ସମୟରେ ଲାଇନ ମିଳୁନାହିଁ। ଫଳରେ ରୋଗୀମାନେ ବହୁ କଷ୍ଟ ପାଉଛନ୍ତି। ହସ୍‌ପିଟାଲରେ ସବୁ ସମୟରେ ଜେନେରେଟର ମଧ୍ୟ ଚାଲିପାରୁନାହିଁ। କାରଣ ପୂର୍ବରୁ ସରକାରୀ କଣ୍ଟ୍ରୋଲ କିରୋସିନ ଆଉ ମିଳୁନାହିଁ। ମାସକୁ ୧୪୦ ଲିଟର କିରୋସିନ ମିଳୁଥିଲା, ତାହା ବି ବନ୍ଦ। ଏବେ ଡାକ୍ତରଙ୍କ ସଂଖ୍ୟା କେତେକ ମାତ୍ରାରେ ପୂରଣ ହୋଇଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ହେଲେ ଡାକ୍ତର ନାହାନ୍ତି। ଫଳରେ ଜନନୀ ସୁରକ୍ଷା ଯୋଜନା ଏଠାରେ ସମ୍ପୂର୍ଣ୍ଣ ଫେଲ୍ ମାରୁଛି। ପ୍ରସୂତିମାନେ ଠିକ୍ ଭାବେ ଚିକିତ୍ସା ପାଇପାରୁ ନାହାନ୍ତି। ପ୍ରସବ ପାଇଁ ଆସୁଥିବା ମା'ମାନଙ୍କ ପାଖରେ ସାମାନ୍ୟ ଜଟିଳତା ଦେଖାଦେଲେ ସଙ୍ଗେ ସଙ୍ଗେ ଉପସ୍ଥିତ ଥିବା ଡାକ୍ତରମାନେ ରୋଗୀଙ୍କୁ ରେଫର କରୁଛନ୍ତି। ଫଳରେ ସ୍ତ୍ରୀ ରୋଗ ଓ ପ୍ରସୂତିଙ୍କ ସମସ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବେଳେ ବେଳେ ଡାକ୍ତରମାନେ ବସି ରୋଗୀ ଦେଖୁଥିବା କୋଠରି ଛାତରୁ ମଧ୍ୟ ପ୍ଲାଷ୍ଟର ଖସୁଛି। ନିରାପଦରେ ବସି ରୋଗୀ ସେବା କରିପାରିବା ନେଇ




ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଆଶଙ୍କା ଦେଖାଦେଇଛି ବୋଲି ଡାକ୍ତର ଦେବବ୍ରତ ଜେନା ପ୍ରକାଶ କରିଛନ୍ତି। ଏଠାରେ ବ୍ଲଡ ଷ୍ଟୋରେଜ ୟୁନିଟ୍ ଚାଲିବାର ସବୁ ବ୍ୟବସ୍ଥା ଥିବା ବେଳେ ତାହା ମଧ୍ୟ ଚାଲିପାରୁନାହିଁ ବୋଲି ଭାରପ୍ରାପ୍ତ ଅଧିକାରୀ ଡା. ଭାଗୀରଥି ମୁର୍ମୁ ପ୍ରକାଶ କରିଛନ୍ତି। ରୋଗୀ କଲ୍ୟାଣ ସମିତି ବୈଠକ ବସୁଛି। ହେଲେ କେବଳ ଆଲୋଚନାରେ ସୀମିତ ରହୁଛି। ମିଟିଂ ପରେ ସମସ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କଥା ଭୁଲିଯାଉଛନ୍ତି।

୨୦୧୫ ନଭେମ୍ବର ୨ ତାରିଖରେ ୭୫,୧୭୭ ଟଙ୍କା ଡିପୋଜିଟ୍ ହୋଇଥିଲା। ମାତ୍ର ଦୀର୍ଘଦିନ ପରେ ବି ଥ୍ରୀଫେଜ ଲାଇନ ସଂଯୋଗ ହୋଇପାରିଲା ନାହିଁ। ବର୍ତ୍ତମାନ ଥ୍ରୀଫେଜ୍ ଲାଇନ ସଂଯୋଗ ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟବିଭାଗକୁ ଆବଶ୍ୟକ ୪ଲକ୍ଷ ୫୦ ହଜାର ଟଙ୍କାର ଆଲଟମେଣ୍ଟ ପାଇଁ ଅନୁମତି ମଗାଯାଇଛି। ହେଲେ ମିଳୁନି ଅନୁମତି କି ଅର୍ଥ। ଏ ବିଷୟରେ ସରକାରଙ୍କୁ ବିଭାଗ ପକ୍ଷରୁ କେବଳ ଗୋଟିଏ ପରେ ଗୋଟିଏ ଚିଠି ଦିଆଯାଉଛି ବୋଲି ଭାରପ୍ରାପ୍ତ ଅଧିକାରୀ ମୁର୍ମୁ କହିଛନ୍ତି। ତେବେ ଥ୍ରୀଫେଜ ପାଇଁ ୪ଲକ୍ଷ ୫୦ହଜାର ଟଙ୍କା ଆବଶ୍ୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ କେବଳ ସିକ୍ୟୁରିଟି ପାଇଁ ଅର୍ଥ ଜମା କରାଯାଇଛି। ବାକିଥିବା ଆବଶ୍ୟକ ଟଙ୍କା ଜମା କଲେ ଲାଇନ ସଂଯୋଗ ହୋଇପାରିବ ବୋଲି ବାଲିଆପାଳ ବିଦ୍ୟୁତ ବିଭାଗର କନିଷ୍ଠଯନ୍ତ୍ରୀ ତପନ ପରିଡା ପ୍ରକାଶ କରିଛନ୍ତି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବଢିଚାଲିଥିବା ବେଳେ ଅଂଶୁଘାତଜନିତ ରୋଗୀ ହସ୍‌ପିଟାଲକୁ ଆସିଲେ କିପରି ଚିକିତ୍ସା କରାଯିବ ଜନସାଧାରଣ ଆଶଙ୍କା କରୁଛନ୍ତି। ଏ ଦିଗରେ ସରକାର ତଥା ବିଭାଗୀୟ ଉଚ୍ଚପଦସ୍ଥ ଅଫିସର ଧ୍ୟାନ ଦେଇ କାର୍ଯ୍ୟ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ବାତ୍ୟା ପରେ ଅନିୟନ୍ତ୍ରିତ ବଜାର ଦର

**ଖଇରା, ୭।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲାରେ ବାତ୍ୟା ଫନୀର ପ୍ରଭାବ ପରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଓ ଦର ବୃଦ୍ଧି ପରିସ୍ଥିତି ଦେଖାଦେଇଛି। ଫନୀ ମାଡି ଆସୁଛି ବୋଲି ସଚେତନତା ସୃଷ୍ଟି ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ମାଇକ ଯୋଗେ ପ୍ରଚାର କରାଯାଇଥିଲା। ବାତ୍ୟା ଖବରରେ ଛାନିଆ ହୋଇ ଲୋକେ ଖାଉଟି ସାମଗ୍ରୀ କିଣିବା ଲାଗି ଭିଡ ଜମାଇଥିଲେ। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଆଳୁ କିଲୋ ୨୫, ପିଆଜ ୨୫ ଓ ବିଲାତି ବାଇଗଣ ୫୦ଟଙ୍କା ଦରରେ ବିକ୍ରି କରିଥିଲେ। ଫନୀ ତା'ର ପ୍ରକୋପ ଦେଖାଇ ଅପସରି ଯିବା ପରେ ହାଟବଜାରରେ ସ୍ଥିତି ସୁଧୁରିପାରିନାହିଁ। ବାତ୍ୟା ପ୍ରଭାବରେ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ଦରଦାମ୍ ବଢିବା ଆଶଙ୍କା ଦେଖାଦେଇଛି। ଅନିୟନ୍ତ୍ରିତ ବଜାର ଦର ସମ୍ପର୍କରେ ପଚାରିବାରୁ ଯୋଗାଣ ବିଭାଗ ଅଧିକାରୀ ବ୍ୟବସାୟୀଙ୍କ ସହ ଆଲୋଚନା କରି ଖାଉଟିଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଉଦ୍ୟମ କରୁଥିବା କହିଛନ୍ତି।



ଚକରେ ଅଖ ଲାଗିବା ପୂର୍ବରୁ ପୂଜାବିଧି ଓ ଚକରେ ଅଖ ଲଗାଯାଇଛି।

# ରଥ ଚକରେ ଲାଗିଲା ଅଖ

**ସଜନାଗଡ଼, ୭।୫(ଡି.ଏନ.ଏ.)**

ଅକ୍ଷୟ ତୃତୀୟା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥ ନିର୍ମାଣର ଆଦ୍ୟ ପର୍ବ। ପରମ୍ପରା ଅନୁସାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅକ୍ଷୟ ତୃତୀୟା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୨ ଚକରେ ଅଖ ଲଗାଯାଇଛି। ଏଥିପାଇଁ ପ୍ରଥମେ ଶୁଭ ଅନୁକୂଳରେ ପୂଜା ବିଧି କରାଯାଇଥିଲା। କାର୍ଯ୍ୟକ୍ରମରେ ନୀଳଗିରି ରାଜା ସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଠାକୁର ମହଲ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ନୀଳଗିରି ପୂର୍ତ୍ତ ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ମୁଖ୍ୟ ମହାରଣା ସତ୍ୟ ନାରାୟଣ ମହାରଣା, ପ୍ରଶାନ୍ତ ମହାରଣା ଓ ସହଯୋଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପର୍ବ ଖୁବ୍ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଛି।

# ଔପଦାରେ ଅଖିମୁଠି ଅନୁକୂଳ

**ଔପଦା, ୭।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦରସ୍ଥିତ ତହସିଲ କାର୍ଯ୍ୟାଳୟ ପରିସରରେ ପବିତ୍ର ଅକ୍ଷୟ ତୃତୀୟାରେ ବ୍ଲକସ୍ତରୀୟ କୃଷକ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକର କୃଷି ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ କୁମାର ସାହୁ ଓ ବିଭୂତି ଭୂଷଣ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଔପଦା ବିଡିଓ ତଥା ତହସିଲଦାର ପୀତାମ୍ବର ଭୋଇ ଯୋଗଦେଇ ପାରମ୍ପରିକ ପୂଜାପାଠ ପରେ ଅଖିମୁଠି ଅନୁକୂଳ ପୂର୍ବକ ଭୂମିରେ ଧାନ ବିହନ ବୁଣି ଚାଷ କାମର ଶୁଭାରମ୍ଭ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ସିଅଳ, ମତ୍ସ୍ୟ ଚାଷ ଅଧିକାରୀ ଲଦ ହେମ୍ବ୍ରମ, କୃଷକ ପ୍ରତିନିଧି ବିନୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାୟ ୪୦ରୁ ଊର୍ଦ୍ଧ୍ୱ କୃଷକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୃଷକମାନଙ୍କୁ ଠିକ୍ ଭାବେ ସୂଚନା ଦିଆଯାଇ ନ ଥିବା ବିଷୟ ପ୍ରକାଶ କରି କେତେକ କୃଷକ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ସ୍ଥାନୀୟ କୃଷି ସମ୍ପ୍ରସାରଣ ଅଧିକାରୀ ସାହୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ କାର୍ଯ୍ୟକ୍ରମକୁ ସଙ୍କୁଚିତ କରିବାକୁ ବହୁ ବିଳମ୍ବରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବାର୍ତ୍ତା ମିଳିଲା। ଏଣୁ ସମୟ ସ୍ୱଳ୍ପତା ପାଇଁ ସମସ୍ତଙ୍କୁ ଯୋଗାଯୋଗ କରିବା ସମ୍ଭବପର ହୋଇପାରିଲା ନାହିଁ ବୋଲି କହିଛନ୍ତି।



ଔପଦା ବିଡିଓ ଅଖିମୁଠି ଅନୁକୂଳ କରୁଛନ୍ତି ।

# ସାମାଜିକ ସୁରକ୍ଷା ଅଧିକାରୀଙ୍କ ଅବସର

**ବାଲେଶ୍ୱର ଅଫିସ,୭।୫**

ବାଲେଶ୍ୱର ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ମୟୂରଭଞ୍ଜ ଜିଲାର ସାମାଜିକ ସୁରକ୍ଷା ଅଧିକାରୀ ଜୟନ୍ତ କୁମାର ଜେନା ଅସ୍ଥାୟୀ ଭାବେ ଭାରପ୍ରାପ୍ତ ଡିଏସ୍‌ଏସ୍‌ଓ ଭାବେ ଏହି ପଦଭାର ଗ୍ରହଣ କରିଛନ୍ତି। ବେହେରାଙ୍କ ସେବା ନିବୃତ୍ତ ଉପଲକ୍ଷେ ସ୍ଥାନୀୟ ପାନ୍ଥନିବାସଠାରେ ଏକ ବିଦାୟୀ ସଭାର ଆୟୋଜନ କରାଯାଇଥିଲା। କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବିଭିନ୍ନ ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ସଭାରେ ବେହେରାଙ୍କ କର୍ମଦକ୍ଷତା, ସମାଜସେବା ପ୍ରତି ରହିଥିବା ନିଷ୍ଠା ଓ କର୍ମଚଞ୍ଚଳତା ଆଦି ସମ୍ବନ୍ଧରେ ବିଭିନ୍ନ ବ୍ୟକ୍ତିବିଶେଷ ଆଲୋକପାତ କରିଥିଲେ। ବିଶେଷ ଅତିଥି ଭାବେ ସାମାଜିକ କର୍ମୀ ସୁବ୍ରତ କର ତାଙ୍କୁ ଜଣେ ଦରଦୀ ଓ ପରୋପକାରୀ ଅଧିକାରୀ ଭାବେ ବର୍ଣ୍ଣନା କରିଥିଲେ। ସେ ଅବସର ପରେ ସ୍ୱେଚ୍ଛାକୃତ ଭାବେ ସମାଜସେବାରେ ନିଜକୁ ନିୟୋଜିତ କରିପାରିବେ ବୋଲି କହିଥିଲେ। ଏହି ଅବସରରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମୃତିଫଳକମାନ ପ୍ରଦାନ କରାଯାଇଥିଲା।



ଅଖିମୁଠି ଅନୁକୂଳ କରୁଛନ୍ତି ମନ୍ତ୍ରୀ ଅନନ୍ତ ଦାସ।

# ଅଖିମୁଠି ଅନୁକୂଳ କଲେ ମନ୍ତ୍ରୀ

**ଭୋଗରାଇ, ୭।୫(ଡି.ଏନ.ଏ.)**

ଅକ୍ଷୟ ତୃତୀୟାକୁ କୃଷକ ଦିବସ ଆଖ୍ୟା ଦିଆଯାଇଛି। ଚଳିତବର୍ଷ ସାଧାରଣ ନିର୍ବାଚନ କମିଶନରଙ୍କ ଆଚରଣବିଧି ଓ ଭୟଙ୍କର ସାମୁଦ୍ରିକ ଝଡ଼ 'ଫନୀ'ର ବିଭୀଷିକାରେ ଏହି ଦିବସ ପାଳନରେ ଫିକା ପଡ଼ିଛି। ଭୋଗରାଇ କୃଷି ବିଭାଗ ପକ୍ଷରୁ କୃଷକସାଥୀ, କର୍ମଚାରୀ ଓ କୃଷକମାନଙ୍କୁ ନେଇ ଅଣଆନୁଷ୍ଠାନିକ ଭାବେ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର କୃଷକ ଦିବସ ବିଷୟରେ ଆଲୋଚନା କରାଯାଇଛି।

ଆତ୍ମାର ସଭାପତି ନଳିନୀ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଭୋଗରାଇ ସହକାରୀ କୃଷି ଅଧିକାରୀ ରାଧାଗୋବିନ୍ଦ ଦେ, ଗ୍ରାମ୍ୟ କୃଷି କର୍ମଚାରୀ ଗୋପୀନାଥ କାମିଲା, ଚିତ୍ତରଞ୍ଜନ ମହାନ୍ତି, ସତ୍ୟଜିତ୍ ଦାସ ଅଧିକାରୀ, ରାଜୀବଲୋଚନ ପ୍ରଧାନ, ପୂର୍ବତନ ଆତ୍ମାର ସଭାପତି ପ୍ରଦୀପ କୁମାର ମାହାନା ପ୍ରମୁଖ କୃଷକ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଜଳେଶ୍ୱରପୁର ପଞ୍ଚାୟତ ବାଡ଼ିଜଳେଶ୍ୱରପୁରଠାରେ ବେସରକାରୀ ଭାବେ କୃଷକ ଦିବସ ପାଳିତ ହୋଇଛି। ଏହି ଗ୍ରାମର ବିଲରେ ମନ୍ତ୍ରୀ ଅନନ୍ତ ଦାସ, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା ଧରିତ୍ରୀ ମା'କୁ ଆରାଧନା କରିଥିଲେ। ମନ୍ତ୍ରୀ ହଳ ଲଙ୍ଗଳ ଧରି ଅଖିମୁଠି ଅନୁକୂଳ କରିଥିଲେ। ପରେ ଗ୍ରାମରେ କୃଷକ ଦିବସ ଉପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ବିଜେଡି ଉପସଭାପତି ଭୁବନାନନ୍ଦ ଦାସ, ସମ୍ପାଦକ ତପନ କୁମାର ପଣ୍ଡା, ସରପଞ୍ଚ ରେଣୁକା ଦାସ, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ କୁମାର ବେହେରା ପ୍ରମୁଖ ଅକ୍ଷୟ ତୃତୀୟା ଉପରେ ଆଲୋଚନା କରିଥିଲେ।

# ଅକ୍ଷୟ ତୃତୀୟାରେ ଚାଷୀଙ୍କୁ ସଚେତନତା

**ବାହାନଗା, ୭।୫(ଡି.ଏନ.ଏ.)**

ବାହାନଗା ବ୍ଲକ ପରିସରରେ କୃଷି ବିଭାଗ ତରଫରୁ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଅକ୍ଷୀମୁଠି ବିଡିଓଙ୍କ ଦ୍ୱାରା ଅନୁକୂଳ କରାଯାଇଛି। ଏହି ଉପଲକ୍ଷେ ବ୍ଲକରେ ଥିବା କୃଷି ବିଭାଗ ସାମ୍ନାରେ ଏକ କୃଷକମାନଙ୍କୁ ନେଇ ଅକ୍ଷୟ ଉତ୍ସବ ସଚେତନତା ସଭା କରାଯାଇଥିଲା।

ବାହାନଗା ଅତିରିକ୍ତ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ରବିନାରାୟଣ ତ୍ରିପାଠୀ ଯୋଗ ଦେଇ ସରକାର କୃଷି ଉପରେ ନେଇଥିବା ବିଭିନ୍ନ ଯୋଜନା ଓ କାଳିଆ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଆନୁଷଙ୍ଗିକ ବିଭାଗର ଗୋପାଳପୁର ଅତିରିକ୍ତ ସହକାରୀ କୃଷି ଅଧିକାରୀ ରଙ୍ଗନାଥ ପାତ୍ର, ଗୋପାଳପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଦେବବ୍ରତ ଦାସ, ଉଦ୍ୟାନ ବିଭାଗର ପ୍ରଦୀପ ବଳ, ବ୍ଲକ ମତ୍ସ୍ୟ ବିଭାଗର କନିଷ୍ଠ ଅଧିକାରୀ ରଞ୍ଜିତା ବେହେରା, ସଦସ୍ୟ ସଂରକ୍ଷଣ ଅଧିକାରୀ ଆଶିଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ଧାନ ଚାଷ, କୁକୁଡା ଚାଷ, ଗୃହପାଳିତ ପଶୁ ଚାଷ, ମାଛ ଚାଷ ଉପରେ ଥିବା ବିଭିନ୍ନ ଯୋଜନା ବିଷୟରେ ପ୍ରକାଶ କରିଥିଲେ। ଏଥିରେ ଅତିରିକ୍ତ କୃଷି ଅଧିକାରୀ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ବ୍ରାହ୍ମଣଙ୍କ ଦ୍ୱାରା ଭୂମିପୂଜା ଓ ବିହନ ପୂଜା କରିବା ପରେ ବିଧିବଦ୍ଧ ଭାବେ ସମସ୍ତ କାର୍ଯ୍ୟ ସରିବା ପରେ ବିଲରେ ଲଙ୍ଗଳ ଦ୍ୱାରା ହଳ କରାଯାଇଥିଲା। ପରେ ବିଡିଓ ନିରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ଅକ୍ଷିମୁଠୀ ଧାନ ସେହି ବିଲରେ ବୁଣା ଯାଇ ଅନୁକୂଳ କରାଯାଇଥିଲା। ଏହି ଅବସରରେ ୫୦ରୁ ଅଧିକ ଚାଷୀ ଯୋଗଦେଇଥିଲେ।

# ଜିଲାସ୍ତରୀୟ କୃଷକ ଦିବସ

**ସଜନାଗଡ଼, ୭।୫(ଡି.ଏନ.ଏ.)**

ବୈଶାଖ ମାସ ଶୁକ୍ଳ ତୃତୀୟା ପବିତ୍ର ଅକ୍ଷୟ ତୃତୀୟା ଭାବେ ପରିଚିତ। ଏହି ଅକ୍ଷୟ ତୃତୀୟା ଅବସରରେ ଔପଚାରିକ ଭାବେ ସରକାରୀସ୍ତରରେ ନୀଳଗିରି କୃଷି ଜିଲାସ୍ତରୀୟ କୃଷକ ଦିବସ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ପାଳିତ ହୋଇଛି। ଏହି ଅବସରରେ ନୀଳଗିରି ବିଡିଓ ରାମ ଦାସ ଟୁଡୁ ପାରମ୍ପରିକ ପୂଜାପାଠ ପରେ ଅଖିମୁଠି ଅନୁକୂଳ କରିବାର ଦେଖିବାକୁ ମିଳିଥିଲା। ଅନୁଷ୍ଠିତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି କୃଷି ଅଧିକାରୀ ଭରତ ଚନ୍ଦ୍ର ନାଥ, ସହକାରୀ କୃଷି ଅଧିକାରୀ ସନାତନ ପ୍ରଧାନ, ଫସଲ ସୁରକ୍ଷା ଅଧିକାରୀ ଜୟନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। କୃଷକମାନେ ଏହି ଦିନରେ ଅଖିମୁଠି ଅନୁକୂଳ କରି କୃଷି କାର୍ଯ୍ୟ ଆରମ୍ଭ କରିଥାନ୍ତି।



କୃଷି ଦିବସ ଉପଲକ୍ଷେ ପାରମ୍ପରିକ ପୂଜାପାଠ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅତ୍ୟାଧୁନିକ ପ୍ରଣାଳୀରେ ଚାଷ ଉପରେ ଗୁରୁତ୍ୱ

**ଖଇରା, ୭।୫(ଡି.ଏନ.ଏ.)**

ଖଇରା କୃଷି ସୂଚନା ପରାମର୍ଶ କେନ୍ଦ୍ର ଆନୁକୂଲ୍ୟରେ ବ୍ଲକସ୍ତରୀୟ କୃଷକ ଦିବସ ଓ ଅଖୀ ମୁଠି ଅନୁକୂଳ କାର୍ଯ୍ୟକ୍ରମ ମଙ୍ଗଳବାର ଖଇରା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ କୃଷି ଅଧିକାରୀ ବାସୁଦେବ ଶତପଥି ଏଥିରେ ପୌରୋହିତ୍ୟ କରିଥିଲେ। ଖଇରା ବିଡିଓ ମହେଶ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଚାଷୀମାନେ ପୁରୁଣା ପଦ୍ଧତି ଚାଷରୁ ଲାଭ ପାଉ ନ ଥିବାରୁ ଚାଷ ପ୍ରତି ବିମୁଖ ହୋଇପଡୁଛନ୍ତି। ହେଲେ ସବୁଜ ବିପ୍ଳବ ପଦ୍ଧତିରେ ଚାଷ କରାଗଲାଣି। ଯେଉଁଥିରେ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରି ଚାଷୀ ଭଲ ରୋଜଗାର କରିପାରିବେ ବୋଲି ପ୍ରକାଶ କରିଥିଲେ। ଖଇରା ପ୍ରାଣୀ ଚିକିତ୍ସା ଅଧିକାରୀ ସୁବାଶିଷ ମହାପାତ୍ର, ସହକାରୀ ଉଦ୍ୟାନ ଅଧିକାରୀ ରମେଶ ଚନ୍ଦ୍ର ମଲ୍ଲିକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ବିଭିନ୍ନ ନୂଆ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ରାଜ୍ୟ ସ୍ତରରେ ସମ୍ବର୍ଦ୍ଧିତ ହୋଇଥିବା ଖଇରା ବ୍ଲକ ଚାଷୀ ମନମୋହନ ସ୍ୱାଇଁ ଓ ସୁଶାନ୍ତ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜୀବନଜ୍ୟୋତି ଦାସ, ଦୀନକୃଷ୍ଣ ପରିଡାଙ୍କ ସମେତ କୃଷି ବିଭାଗର ସମସ୍ତ ଗ୍ରାମସେବକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ପରିବା କିମ୍ବା ଅନ୍ୟାନ୍ୟ ଚାଷରେ କୌଣସି ରୋଗପୋକ ଲାଗିଲେ ଏଣୁ ତେଣୁ ବିଷ ସ୍ପ୍ରେ ନ କରି ତାଙ୍କ ପରାମର୍ଶ ଅନୁସାରେ ବିଷ ପକାଇବାକୁ ସହକାରୀ ଅଧିକାରୀ ଚାଷୀମାନଙ୍କୁ ବୁଝାଇବା ସହ ଆଗାମୀ ଖରିଫ ଓ ରବି ଋତୁ ପାଇଁ ଚାଷୀମାନଙ୍କର ଶୁଭକାମନା କରିଥିଲେ।



ଉପସ୍ଥିତ ଚାଷୀମାନଙ୍କୁ ସହ ଅଧିକାରୀ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ମେ ୮/୨୦୧୯ Balasore, Wednesday, May 8/2019




## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବସ୍ତା,୭।୫(ସ୍ୱ.ପ୍ର):** ସିଂଲା ଥାନା ଅନ୍ତର୍ଗତ ତାଡ଼ଦା ଗ୍ରାମରେ ବ୍ରତ ଉତ୍ସବ ପାଇଁ ଟେଣ୍ଟ କାମ ଚାଲୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ବସ୍ତା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗିରି, ତାଙ୍କ ପୁଅ ସନ୍ତୋଷ ଗିରି ଓ ଅନାମ ହାଁସଦାଙ୍କ ପୁଅ କାରୁ ହାସଁଦା ସୋମବାର ରାତିରେ ତାଡ଼ଦାରେ ଟେଣ୍ଟ କାମ କରୁଥିବାବେଳେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଥିଲେ। ୩ଜଣ ଯାକ ଗୁରୁତର ହୋଇପଡ଼ି ଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ନେଇଆସିଥିଲେ। ଡାକ୍ତରଖାନାରେ ଡାକ୍ତର ସନ୍ତୋଷ ଗିରିଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣ ପୂର୍ଣ୍ଣଚନ୍ଦ୍ର ଓ କାରୁ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ପାଣି ଆଣିବାକୁ ଯାଇ ମହିଳାଙ୍କ ମୃତ୍ୟୁ: ଅଂଶୁଘାତ ସନ୍ଦେହ

**ବସ୍ତା,୭।୫(ସ୍ୱ.ପ୍ର):** ବସ୍ତା ଥାନା ଅନ୍ତର୍ଗତ ମଥାନୀ ପଞ୍ଚାୟତର ତିଗିରିଆ ଗ୍ରାମରେ ଜଣେ ମହିଳା ପାଣି ଆଣିବାକୁ ଯାଇଥିବା ବେଳେ ପ୍ରାଣ ହରାଇଛନ୍ତି। ତାଙ୍କ ମୃତ୍ୟୁ ଅଂଶୁଘାତଜନିତ ହୋଇଥାଇପାରେ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅଜୟ ରାଉତଙ୍କ ସ୍ତ୍ରୀ ସାବିତ୍ରୀ ଘରପାଖ ଏକ ନଳକୂପକୁ ପାଣି ଆଣିବାକୁ ଯାଉ ଥିବାବେଳେ ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ବସ୍ତା ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅତ୍ୟଧିକ ଗରମ ଯୋଗୁ ମୃତ୍ୟୁ ହୋଇଥିବା କୁହାଯାଉଛି।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

**ବାଲେଶ୍ୱର ଅଫିସ, ୭।୫**

ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟରେ ଚିକିତ୍ସାରେ ଅବହେଳାରୁ ସର୍ଜରୀ ୱାର୍ଡ଼ରେ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କର ମଙ୍ଗଳବାର ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ୨୫ରୁ ଊର୍ଦ୍ଧ୍ୱ ଲୋକ ସର୍ଜରୀ ୱାର୍ଡ଼ରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଡାକ୍ତରଖାନା ପରିସରରେ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ହସ୍ପିଟାଲ ଫାଣ୍ଡି ପୋଲିସ ପହଞ୍ଚି ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାର ଜଣାପଡ଼ିଛି।

ସିଂଲା ଥାନା ଅଧୀନ ଲଙ୍ଗଳେଶ୍ୱର ନିକଟସ୍ଥ ଉଅଁରେଶ୍ୱର ଗ୍ରାମର ଜୟାନନ୍ଦ ଜେନାଙ୍କ ପୁଅ ଦିଲୀପ (୨୭) ସୋମବାର ମଧ୍ୟାହ୍ନ ସମୟରେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କୁ ମେଡ଼ିସିନ ୱାର୍ଡ଼ରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସର୍ଜରୀ ୱାର୍ଡ଼କୁ ସ୍ଥାନାନ୍ତରିତ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନଠାରୁ ସେ ଅଧିକ ପେଟ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ କୌଣସି ଡାକ୍ତର ଚିକିତ୍ସା ପାଇଁ ପହଞ୍ଚି ନ ଥିଲେ। ରୋଗୀଙ୍କ ପରିବାର ଲୋକ ଡ୍ୟୁଟିରେ ଥିବା ନର୍ସଙ୍କୁ ବାରମ୍ବାର ଜଣାଉଥିଲେ ମଧ ତାଙ୍କ ନିକଟରେ କେହି ପହଞ୍ଚି ନ ଥିଲେ। ଅପରାହ୍ନ ପ୍ରାୟ ସାଢେ ୩ଟାରେ ଦିଲୀପଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁର ୧୦ମିନିଟ୍ ପରେ ଡାକ୍ତର ଓ ନର୍ସ ଘଟଣାସ୍ଥଳରେ ପହଞ୍ଚି ଅକ୍ସିଜେନ୍ ଲଗାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ପାଢ଼ୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।


ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପରିବାର ଲୋକଙ୍କ ଗଣ୍ଡଗୋଳ।


ହାତୀ ଆକ୍ରମଣ କରିଥିବା ସ୍ଥାନରେ ଲୋକ ଓ ବନ ବିଭାଗ କର୍ମଚାରୀ।

## ହାତୀ ଆକ୍ରମଣରେ ଜଣଙ୍କ ପ୍ରାଣ ଗଲା

**ଆନନ୍ଦପୁର/ହାଟଡିହୀ, ୭।୫(ସ୍ୱ.ପ୍ର./ଡି.ଏନ୍.ଏ.)**

ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ହଦଗଡ ରେଞ୍ଜର ସୋସୋ କୁଶ ଟିଙ୍କିରି ଅଞ୍ଚଳରେ ଜଣେ ବୟସ୍କ ବ୍ୟକ୍ତି ହାତୀ ଆକ୍ରମଣରେ ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। କୁଶ ଟିଙ୍କିରି ଗ୍ରାମର ଖୁଖା ଖଣ୍ଡେଇ(୫୪) ଶୌଚ ହେବାକୁ ଅନ୍ୟ ଗ୍ରାମବାସୀଙ୍କ ସହିତ ଗ୍ରାମ ନିକଟସ୍ଥ ନଦୀ କୂଳକୁ ଯାଇଥିଲେ। ତେବେ ଗ୍ରାମବାସୀଙ୍କ ଠାରୁ ଖୁଖା ଏକୁଟିଆ ହୋଇଥିବାର ସୁଯୋଗରେ ଗୋଟିଏ ବଣୁଆ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ଜରୁରୀକାଳୀନ ୪୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ସହିତ ମୃତଦେହକୁ ଆନନ୍ଦପୁର ଡାକ୍ତର ଖାନାରେ ପହଞ୍ଚାଇବାର ବ୍ୟବସ୍ଥା ଗ୍ରହଣ କରିଥିଲେ।

# ଜୟଦେବଙ୍କ କାବ୍ୟକୃତି ପ୍ରସାର ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୭।୫**

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ମଙ୍ଗଳବାର ପୂର୍ବାହ୍ନରେ ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ଜିଲା ପ୍ରଶାସନ ଓ ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ଏହି ଯୁଗଜନ୍ମା ଜଗନ୍ନାଥଙ୍କ ପରମଭକ୍ତ ଜୟଦେବଙ୍କ କାବ୍ୟ କୃତି ସମଗ୍ର ଦେଶରେ ପ୍ରସିଦ୍ଧି ଅର୍ଜନ କରିପାରିଛି। ପ୍ରତ୍ୟେକ ମଣିଷ ଏ ବିଷୟରେ ଅବଗତ ହେବା ଆବଶ୍ୟକ ବୋଲି କହିଥିଲେ।

ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ପ୍ରାରମ୍ଭରେ କବି ଜୟଦେବଙ୍କ ସୁଦୃଶ୍ୟ ପ୍ରତିକୃତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ନୃତ୍ୟ ସଙ୍ଗୀତ କଳା ମନ୍ଦିରର କଳାକାରମାନଙ୍କ ଦ୍ୱାରା ଜୟଦେବଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସଭା ଆରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ତଥା ଶିକ୍ଷାବିତ୍ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଜୟଦେବଙ୍କ ସମ୍ପର୍କରେ ଅନେକ ଅପ୍ରକାଶିତ ତଥ୍ୟ ଉପସ୍ଥାପନ ପୂର୍ବକ ଜୟଦେବଙ୍କ ଜନ୍ମସ୍ଥାନକୁ ନେଇ ସେ ଓଡ଼ିଶା ମାଟିର ସନ୍ତାନ ବୋଲି ବିଭିନ୍ନ ଗବେଷକଙ୍କ ମତ ଓ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟତମ ବକ୍ତା ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଜୟଦେବଙ୍କ ରଚନାରେ ଯେଉଁ ଲାଳିତ୍ୟ ଏବଂ ଚାତୁରୀ ଭରି ରହିଛି ତା'ର ଉଦାହରଣ ଉପସ୍ଥାପନ କରି କବିଙ୍କ ମହାନତାକୁ ପ୍ରଶଂସା କରିଥିଲେ। ଆଜି ବି ଜୟଦେବଙ୍କ କୃତି ପରିବେଶକୁ ଆଧ୍ୟାତ୍ମିକ ଭାବଧାରାରେ ପ୍ଲାବିତ କରିବାର ଯଥେଷ୍ଟ ସାମର୍ଥ୍ୟ ରଖେ ବୋଲି ବକ୍ତାମାନେ ମତ ଦେଇଥିଲେ। ଅନ୍ୟତମ ବକ୍ତା ବରିଷ୍ଠ ଖବରଦାତା କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ଆଶୁ କବିତା ମାଧ୍ୟମରେ ଜୟଦେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଉପଜିଲାପାଳ ନୀଲୁ ମହାପାତ୍ର ଜୟଦେବଙ୍କ କୃତି ଓ କୃତିତ୍ୱର ଯଥେଷ୍ଟ ପ୍ରଚାର ପ୍ରସାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଫକୀରମୋହନ ସାହିତ୍ୟ ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀ ମଧ ଅନୁରୂପ ଭାବେ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ଖବରଦାତା ପ୍ରମୁଖ ଯୋଗ ଦେଇଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ ସଂଯୋଜନା ଓ ଡ. କୁମାର ଗୋପାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

**ଜିଲାସ୍ତରୀୟ ଜୟଦେବ ଜୟନ୍ତୀ**


ଜୟଦେବ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

## ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

**ଆନନ୍ଦପୁର, ୭।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘସିପୁରା ଥାନା ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତର କନ୍ତୋ ଗ୍ରାମର ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବଡବାପା ମଦନ ମୋହନ ମୁଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ଗତ ୫ ତାରିଖ ଟିଙ୍କିରା ଗ୍ରାମର କେତେକ ବ୍ୟକ୍ତି ବିଦ୍ୟାଧରଙ୍କୁ ତାଙ୍କ ଘରୁ ଡାକିନେଇଥିଲେ। ୬ ତାରିଖ ସକାଳ ପ୍ରାୟ ୬ଟା ରୁ ୭ଟା ମଧ୍ୟରେ ବିଦ୍ୟାଧରଙ୍କ ହାତଗୋଡକୁ ବାନ୍ଧି ପିଟିପିଟି ମାରିଦେଇଥିବା ଖବର ମଦନଙ୍କୁ ଜଣାଇଥିଲେ। ଖବର ପାଇ ମଦନଙ୍କ ପରିବାର ଟୀଙ୍କିରାରେ ପହଞ୍ଚି ବିଦ୍ୟାଧର ତଳେ ଅଚେତ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ଘସିପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା (ନଂ ୬୮/୧୯) ରୁଜୁ କରି ତଦନ୍ତ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ଜଣେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।





ଜବତ ମଦ ସହ ଗିରଫ ଅଭିଯୁକ୍ତ।

## ଅବକାରୀ ବିଭାଗ ଚଢ଼ାଉ, ୫ ଗିରଫ

**ସୋର, ୭।୫(ଡି.ଏନ.ଏ.)**

ସୋର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣ ମଦ ଜବତ କରାଯାଇ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଲେଶ୍ୱର ଜିଲାପାଳ ରମେଶ ରାଉତ, ଅବକାରୀ ବିଭାଗ ଏସ୍‌ପି ରାଜେନ୍ଦ୍ର ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ଅମରେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଜିଲା ମୋବାଇଲ ଆଇଆଇସି ଉଦେଲାଲ ନାୟକ ଓ ସୋର ଅବକାରୀ ଅଧିକାରୀ କୁଳମଣୀ ମହାରଣାଙ୍କ ନେତୃତ୍ୱରେ ସୋର, ସିମୁଳିଆ ଖଇରାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶ୍ୟାମସୁନ୍ଦରପୁରର ପବିତ୍ରା ଶିଆଳ, ଭାବଗ୍ରାହୀ ଶିଆଳ, ସୋର ଥାନା ଉଲ୍ଲାସଖଡଗପୁର ଗ୍ରାମର ସନ୍ତୋଷ ବାରିକ, ଅନନ୍ତପୁରର ସୁଶାନ୍ତ ବେହେରା, ଖଇରା ଥାନା ବର୍ତ୍ତନା ଭରତ ବେହେରା। ସେମାନଙ୍କ ବିରୋଧରେ ୧୩, ୧୪, ୩୫ ଓ ୩୬ ଓ ୩୭/୧୯ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ବିପୁଳ ପରିମାଣର ମଦ, ପୋଚ ଓ ମଦ ରନ୍ଧା ସରଞ୍ଜାମ ଜବତ କରାଯାଇଛି। ଚଢାଉରେ ଅବକାରୀ ବିଭାଗର ଏଏସ୍‌ଆଇ ଭାସ୍କର ବେହେରା, ଚନ୍ଦ୍ର ସେଠୀ, ଅଞ୍ଜନ ଜେନା, ସେକ କଲିମ, ଶଶି ସ୍ୱାଇଁ, ଦେବାଶିଷ ମଲ୍ଲିକ, ପିଙ୍କି ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ